## କେନାଲରୁ ଯୁବକଙ୍କ ମୃତଦେହ ଜବତ

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ସଦର ଥାନା ବେଣାଳିଆ ଗ୍ରାମ ମଧଦେଇ ଯାଇଥିବା ଏକ କେନାଲରୁ ଉକ୍ତ ଅଞ୍ଚଳର ରବି ନାୟକ(୫୯) ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ଶନିବାର ଜବତ କରାଯାଇଛି। ସେ ଶୁକ୍ରବାର ମଇଁଷି ଚରାଇବାକୁ ଯାଇ ଘରକୁ ଫେରି ନ ଥିଲେ । ଘରଲୋକ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ କେନାଲ ମଧରୁ ପାଇଥିଲେ । ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଝାଡ଼ଦୀପ ପ୍ରଜ୍ୱଳନରେ ଝଲସିଲା ମହିମାଗାଦି ଯୋରନ୍ଦା

**ଢେଙ୍କାନାଳ,୩୧।୧**

**ବିଶ୍ୱପ୍ରସିଦ୍ଧ ମାଘମେଳା ଆରମ୍ଭ**

- ୭ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ
- ଅଲେଖ ମହିମା ଧ୍ୱନିରେ କମ୍ପିଲା ମହିମାପୀଠ
- ବିଶ୍ୱ କଲ୍ୟାଣ ପାଇଁ ସାଧୁ ସନ୍ନ୍ୟାସୀଙ୍କ ପ୍ରାର୍ଥନା
- ମେଳା ବୁଲିଲେ ବିଦେଶୀ ପର୍ଯ୍ୟଟକ

(ରତନ ନାୟାର/ଗଁଦିଆ(ବିଶ୍ୱ ମୋହନ ସାହୁ): ଢେଙ୍କାନାଳର ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ଶନିବାରଠାରୁ ୩ଦିନ ବ୍ୟାପୀ ପ୍ରସିଦ୍ଧ ମାଘମେଳା ଆରମ୍ଭ ହୋଇଛି । ଚଳିତବର୍ଷ ୧୫୩ ବର୍ଷରେ ମେଳା ପହଞ୍ଚିଥିବା ବେଳେ ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂରଣ ହୋଇଛି । ସନ୍ଧ୍ୟା ୫ଟା ୧୮ ମିନିଟରେ ଗାଦି ମନ୍ଦିରର ୪ଟି ଦ୍ୱାରରେ ମହିମା ସନ୍ନ୍ୟାସୀଙ୍କ ଦ୍ୱାରା ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା । ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଲେଖ ମହିମା ଧ୍ୱନିରେ କମ୍ପି ଉଠିଥିଲା ମହିମା ପୀଠ । ଗାଦିମନ୍ଦିର ଚତୁଃଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ ହେବାରୁ ଗାଦିମନ୍ଦିର ସମେତ ମହିମାପୀଠ



ଗାଦିମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ମେଳାରେ ବିଦେଶୀ ପର୍ଯ୍ୟଟକ।



ମେଳା ପରିଦର୍ଶନ କରୁଛନ୍ତି ଏମ୍‌ପି।

ଝଲସି ଉଠିଥିଲା । ମହିମା ସନ୍ନ୍ୟାସୀମାନେ ଘୃତାହୁତି କରି ବିଶ୍ୱ କଲ୍ୟାଣ ପାଇଁ ଶୂନ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଚଳିତବର୍ଷ ମେଳା ପାଇଁ ଓଡିଶାର ବିଭିନ୍ନ ଜିଲା ସମେତ ନେପାଳ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ରାଜ୍ୟରୁ ଲକ୍ଷାଧିକ ମହିମା ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଏହି ମାଘମେଳାରେ ପ୍ରାୟ ୭ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ମଧ୍ୟ ବିଦେଶୀ ପର୍ଯ୍ୟଟକ ମେଳାକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା । ମେଳା ଉପଲକ୍ଷେ ବ୍ରାହ୍ମ ମୁହୂର୍ତ୍ତରୁ ମହିମା ସନ୍ନ୍ୟାସୀମାନେ ନୀତିକାନ୍ତି କରିଥିଲେ । ଝାଡ଼ଦୀପଗୁଡିକ ପ୍ରସ୍ତୁତ କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗାଦିମନ୍ଦିର ପରିସରରେ ମହିମା ସନ୍ନ୍ୟାସୀମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ମହିମା ଶ୍ରଦ୍ଧାଳୁମାନଙ୍କର ଖଞ୍ଜଣି ଭଜନରେ ମହିମା ପୀଠ ଯୋରନ୍ଦା ଉତ୍ସବମୁଖର ହୋଇଛି । ଏମ୍‌ପି ରୁଦ୍ର ନାରାୟଣ ପାଣି ମଧ୍ୟାହ୍ନରେ ମେଳା ବୁଲିବା ସହ ଏକ ପାନୀୟଜଳ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ ମେଳା ବୁଲି ଦେଖିଛନ୍ତି । ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ଅଭିନବ ସୋନକର ପ୍ରମୁଖ ମେଳା ପରିସରରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ଉପରେ ଦୃଷ୍ଟି ରଖିଥିଲେ । ଉଠା ଦୋକାନୀ ଓ ଖାଦ୍ୟ ଷ୍ଟଲଗୁଡିକ ନିକଟରେ ପ୍ରବଳ ଭିଡ଼ ଜମିଥିବା ବେଳେ ଅପେରା ମଧ୍ୟ ପଡିଥିବା ଦେଖିବାକୁ ମିଳିଥିଲା । ଚଳିତବର୍ଷ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି । ସେହିପରି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଘମେଳା ଅବସରରେ ମହିମାଗାଦି ଯୋରନ୍ଦା ଆସିବାର କାର୍ଯ୍ୟକ୍ରମ ରହିଥିବାରୁ ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି ।

# ନିଷ୍ଠା, ସାଧନା ରଖିଲେ ସଫଳତା ମିଳିବ

## ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଢେଙ୍କାନାଳ,୩୧।୧(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଟାଟାଷ୍ଟିଲ ମେରାମଣ୍ଡଳୀ ୟୁନିଟ ମୁଖ୍ୟ କୁମାର ଗୌରଭ ମୁଖ୍ୟ ଅତିଥି ଓ ଢେଙ୍କାନାଳ ଡିଗ୍ରୀ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନିଷ୍ଠା ଓ ସାଧନା ରଖିଲେ ସଫଳତା ନିଶ୍ଚୟ ମିଳିବ । ସର୍ବଦା ଅନ୍ଧାର ପଥରେ ଆଲୋକର ସନ୍ଧାନ ଜାରି ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ବାର୍ଷିକ ଉତ୍ସବର ସଂଯୋଜିକା ଅଧ୍ୟାପିକା ଦୀପ୍ତିବାଳା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ପ୍ରହ୍ଲାଦ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ପୁଷ୍ପଲତା ରଥ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ପ୍ରେରଣା' ଉନ୍ମୋଚନ କରାଇଥିଲେ । ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀ ସୋନାଲି ଖଟୁଆ ଓ ଛାତ୍ର ଓମ ପ୍ରକାଶ ସାହୁ ଚାମ୍ପିୟନ ହୋଇଥିବା ବେଳେ ରନରଅପ୍ ଭାବରେ ପ୍ରଜ୍ଞାଶ୍ରୀ ବେହେରା ଓ ଧୀରେନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତପସ୍ୱିନୀ ସାହୁଙ୍କୁ ଲିଟେରାରୀ ଚାମ୍ପିୟନ ଓ ସ୍ୱର୍ଣ୍ଣଲକ୍ଷ୍ମୀ ବେହେରାଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ମାନିତ କରାଯାଇଥିଲା । ଗତବର୍ଷ ପରୀକ୍ଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ କ୍ୟାମ୍ପସ ଟପ୍ପର ତୁଳସୀ ସାହୁଙ୍କୁ କଳା ବିଭାଗ ପାଇଁ ଏବଂ ରୋଶନ ସାମଲଙ୍କୁ ବିଜ୍ଞାନ ବିଭାଗ ପାଇଁ ସମ୍ମାନିତ କରାଯାଇଥିଲା । ଅଧ୍ୟାପିକା ସସ୍ମିତା ମହାପାତ୍ର ଓ ପ୍ରୀତିମଞ୍ଜରୀ ସ୍ୱାଇଁ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ । ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସମରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା । ଏହାକୁ ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ ପରିଚାଳନା କରିଥିଲେ ।

# ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



**ପରଜଙ୍ଗ,୩୧।୧(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଅନ୍ତର୍ଗତ ତଳବେରଣା ଗ୍ରାମ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଭଗବତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ମୁଖ୍ୟବକ୍ତା ଭାବେ ଇଂଲିଶ୍ ଅଧ୍ୟାପକ ଶ୍ରୀକାନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଶିଶିର ପଣ୍ଡା, ସାଆନ୍ଦା ସରପଞ୍ଚ ଜୟନ୍ତୀ ଦାସ, ଇଂ. ଅଞ୍ଜନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ସାତ ବର୍ଷ ଧରି ସାଆନ୍ଦା ଅଞ୍ଚଳରେ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଭାବେ ପ୍ରତିଷ୍ଠା ହାସଲ କରି ଅନେକ କୃତୀ ଛାତ୍ରୀଛାତ୍ର ଗଠନ କରି ଏହି ବିଦ୍ୟାଳୟ ବେଶ ସୁନାମ ଅର୍ଜନ କରିଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ହାଇସ୍କୁଲର ପରିଚାଳକ ମୁଖ୍ୟ ଦୀପକ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବ୍ରଜନାଥ ବଡ଼ଜେନା ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଢେଙ୍କାନାଳ,୩୧।୧(ରତନ ନାୟାର)**

ଢେଙ୍କାନାଳ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇଙ୍କ ମାର୍ଗଦର୍ଶନ, ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସ୍ମୃତିସୁଧା ଜେନାଙ୍କ ନେତୃତ୍ୱ, ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ.ଅନୁପମା ମିଶ୍ରଙ୍କ ବଳିଷ୍ଠ ସଂଯୋଜନା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ପୂର୍ବତନ ଶିକ୍ଷକ ସୁରେଶ କୁମାର ପଣ୍ଡା, ସୁଭାଷ କୁମାର ନନ୍ଦ, ପୂର୍ବତନ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ଓ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରତିଯୋଗିତାର କନିଷ୍ଠ ବାଳିକାରେ ୭ମ ଶ୍ରେଣୀ ଛାତ୍ରୀ ଅଂଶୁପ୍ରଭା ଷେଣ୍ଟ, କନିଷ୍ଠ ବାଳକରେ ୭ମ ଛାତ୍ର ବିପ୍ରାଂଶୁ କୁମାର ସାହୁ ଓ ଦିବ୍ୟସାଗର ଜେନା, ବରିଷ୍ଠ ବାଳିକାରେ ୮ମ ଶ୍ରେଣୀ ଛାତ୍ରୀ ସିଦ୍ଧିଶ୍ରୀୟା ସାମଲ, ବରିଷ୍ଠ ବାଳକରେ ୯ମ ଶ୍ରେଣୀ ଛାତ୍ର ସ୍ୱୟଂ ଅନିମେଶ ମାଝୀ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ବୋନସନ ବରାଳ ଓ ବିପିଏଡ୍ ପ୍ରଶିକ୍ଷାର୍ଥୀ ଗୁରୁଛାତ୍ର ସୁଜିତ ନାୟକ, ବିଚାରକ କିଶୋର ଚନ୍ଦ୍ର ସାମଲ, ସଂସ୍କୃତ ଶିକ୍ଷକ ଦୀପ୍ତିଶ୍ କୁମାର ଶତପଥୀ, ଏନ୍‌ସିସି,ସ୍କାଉଟ୍ ଓ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ ।




ଅତିଥିମାନଙ୍କ ଗହଣରେ ବିଜୟୀ ଖେଳାଳି।

# ବାର୍ଷିକ ପତ୍ରିକା 'ମହିମାଜ୍ୟୋତି' ଉନ୍ମୋଚିତ



ଅତିଥିମାନେ ବାର୍ଷିକ ପତ୍ରକା 'ମହିମାଜ୍ୟୋତି' ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ,୩୧।୧(ରତନ ନାୟାର)**

ଢେଙ୍କାନାଳ ଜିଲାର ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ଅବସରରେ କୌପିନଧାରୀ ମହିମା ସମାଜ ଆନୁକୂଲ୍ୟରେ ଶନିବାର 'ମହିମାଜ୍ୟୋତି' ବାର୍ଷିକ ପତ୍ରିକା ଭଜନ ମଣ୍ଡପରେ ଲୋକାର୍ପିତ କରାଯାଇଛି । ଆୟୋଜିତ ସଭାରେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଢେଙ୍କାନାଳ ଯୁବରାଜ ଅମରଜ୍ୟୋତି ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିବା ସହ ମହାରାଜା ଭଗିରଥ ମହୀନ୍ଦ୍ର ବାହାଦୁରଙ୍କ ମହିମାଗାଦି ପ୍ରତିଷ୍ଠାରେ ଥିବା ଅବଦାନ ସମ୍ପର୍କରେ ସ୍ମରଣ କରାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିମାଗାଦି ପୀଠର ଉନ୍ନତି ପାଇଁ ମଞ୍ଜୁର କରିଥିବା ୧୭୧ କୋଟି ଟଙ୍କା ମଧ୍ୟରେ ଏହି ଭଜନ ମଣ୍ଡପ ସମସ୍ତ ସୁବିଧା ସହ ଏକ ଭବ୍ୟ ଭବନରେ ରୂପାନ୍ତରିତ ହେବାକୁ ଯାଉଥିବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବା ଅବିନାଶୀ ଦାସ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ, ନିରାକାର ଶୂନ୍ୟବ୍ରହ୍ମଙ୍କର ସରଳ ନିରାଡମ୍ବର ଉପାସନା ହିଁ ମହିମାଧର୍ମର ବୈଶିଷ୍ଟ୍ୟ ବୋଲି ସେ କହିଥିଲେ । ପୂର୍ବତନ ପ୍ରଶାସକ ସନାତନ ମଲ୍ଲିକ ଓ ମହିମାଧର୍ମ ଗବେଷକ ଡଃ. ଉଦ୍ଧବ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କପିଳାସର ତପୋବନ ପୀଠରେ ୨୪ବର୍ଷ କାଳ ଆତ୍ମଯୋଗ ସାଧନା ପୂର୍ବକ ମହିମାସ୍ୱାମୀ ମହିମାଧର୍ମର ପ୍ରତିଷ୍ଠା କରିଥିଲେ ବୋଲି ସଭାପତି ଶ୍ରୀମଦ୍ ରଘୁନାଥ ବାବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାବା ଶେଷଦେବ ଦାସ, ଡମ୍ବରୁଧର ସେଠୀ, ମହିମାଜ୍ୟୋତି ପତ୍ରିକାର ସମ୍ପାଦକ ବିରଞ୍ଚି ନାରାୟଣ ହୋତା, ଯୁଧିଷ୍ଠିର ମହାନ୍ତି ଓ କୈଳାସ ରାଉତ ପ୍ରମୁଖ ଏହି ପତ୍ରିକା ଲୋକାର୍ପଣ ଉତ୍ସବରେ ଭାଗନେଇ ଉଦ୍‌ବୋଧନ ଦେଇଥିଲେ । ତପୋବନ ପତ୍ରିକାର ସମ୍ପାଦକ ଭକ୍ତ ପ୍ରଶାନ୍ତ କୁମାର ମହାପାତ୍ର ସଭା ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତ ଶତ୍ରୁଘ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରୀଷ୍ମପ୍ରବାହ ପୂର୍ବରୁ ଜଳକଷ୍ଟ

**ଢେଙ୍କାନାଳ,୩୧।୧ (ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ଖମାରସାହି ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ପୂର୍ବରୁ ଜଳକଷ୍ଟ ଚିନ୍ତାଜନକ ହୋଇଛି । ବର୍ତ୍ତମାନ ଠାରୁ ଉକ୍ତ ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହୋଇଛି । ଅଞ୍ଚଳବାସୀଙ୍କ ଦୃଷ୍ଟି ଆକର୍ଷଣ ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ଦୁଇଦିନ ହେବ ଉକ୍ତ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଉଛି । ଅଞ୍ଚଳବାସୀ ଧାଡିରେ ଛିଡାହୋଇ ଗରା, ବାଲଟି ଧରି ଟ୍ୟାଙ୍କରରୁ ପାଣି ନେଉଥିବା ଦେଖାଯାଇଛି ।



ଅଞ୍ଚଳବାସୀ ଟ୍ୟାଙ୍କରରୁ ପାଣି ନେଉଛନ୍ତି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବୈଠକ

**ଓଡ଼ାପଡ଼ା, ୩୧।୧(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଏକଘରିଆ ସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରଠାରେ ନବ ନିର୍ମାଣ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏକଘରିଆ ଗ୍ରାମ କମିଟି ସଭାପତି ଭାବଗ୍ରାହୀ ପରିଡାଙ୍କ ଆହ୍ୱାନ କ୍ରମେ ଆଖପାଖ ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମର ମୁଖିଆ ବୁଦ୍ଧିଜୀବୀ ଓ ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ । ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦର ସମ୍ପାଦକ ସୁନିଲ କୁମାର ପରିଡ଼ା ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଫେବୃୟାରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୧୧ ଦିନ ଧରି ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସଭାପତି ଜୟନ୍ତ କୁମାର ପରିଡ଼ା, ମନ୍ଦିରର ମୁଖ୍ୟ ଆୟୋଜକ ଚିଣ୍ଟୁ ବାବା, ରାମଚଣ୍ଡୀ ମନ୍ଦିର କମିଟି ସଭାପତି ପ୍ରଦୀପ କୁମାର ସାମଲଙ୍କ ସହିତ ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ । ଶେଷରେ କୈଳାସ ଚନ୍ଦ୍ର ପରିଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




ପ୍ରସ୍ତୁତି ବୈଠକରେ କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।

# ୪ ଦାବି ଉପରେ ଗୁରୁତ୍ୱ ଦିଆଯାଉ: ଜମିହରା ପ୍ରଜା

**ଢେଙ୍କାନାଳ,୩୧।୧(ରତନ ନାୟାର)**

- ଲାନ୍‌କୋ ଜମିହରା ପ୍ରଜାଙ୍କର ଖବରଦାତା ସମ୍ମିଳନୀ
- ପିଟିସନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଜିଲାପାଳଙ୍କୁ ନିର୍ଦ୍ଦେଶ
- ମାମଲାକୁ ଅନୁଧ୍ୟାନ କରି ମାସକ ମଧ୍ୟରେ ପଦକ୍ଷେପ ନିଅ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର ଲାନ୍‌କୋ ଜମିହରା ପ୍ରଜା ପକ୍ଷରୁ ମୁଖ୍ୟତଃ ୪ଟି ଦାବି ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ନିବେଦନ କରାଯାଇଛି । ଦାବି ପୂରଣ କରା ନ ଗଲେ ଜମିହରା ପ୍ରଜା ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଛନ୍ତି । ଜମିହରା ପ୍ରଜାଙ୍କୁ ନ୍ୟାୟ ନ ମିଳିଲେ ଜମି ଫେରସ୍ତ, ଷ୍ଟିଲ କାରଖାନା ବଦଳରେ ପ୍ରଦୂଷଣମୁକ୍ତ କାରଖାନା ପ୍ରତିଷ୍ଠା, ଏକର ପ୍ରତି ୭୫ଲକ୍ଷ ଟଙ୍କା ପ୍ରଦାନ ଏବଂ ପୂର୍ବରୁ ଯେଉଁମାନଙ୍କର ନିଯୁକ୍ତି, ପରିବହନ ଆଦିକୁ ନେଇ ବକେୟା ରହିଥିଲା ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯାଉ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି ।

ପୂର୍ବତନ ବିଧାୟକ ସୁଧୀର ସାମଲ ଓ ଯୁବ ସାମାଜିକ କର୍ମୀ ଡା. ଅବିନାଶ ସାମଲ କହିଛନ୍ତି, ଉକ୍ତ ଅଞ୍ଚଳରେ କିଛିବର୍ଷ ତଳେ ଲାନ୍‌କୋ କମ୍ପାନୀ ପ୍ରତିଷ୍ଠା ନେଇ ହୋଇଥିବା ଏମ୍‌ଓୟୁ ଉଲ୍ଲଂଘନ ହୋଇଛି । ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା । ଉଚ୍ଚ ନ୍ୟାୟାଳୟରେ ନଂ. ୧୧୧୯/୨୦୨୬ରେ ଏକ ରିଟ୍ ପିଟିସନ ଦାଏର କରାଯାଇଥିଲା । ଏହାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଜମିହରା ପ୍ରଜାଙ୍କ ଅଭିଯୋଗକୁ ଗ୍ରହଣ କରି ଏବଂ ଏହାକୁ ଯାଞ୍ଚ କରି ଏକମାସ ମଧ୍ୟରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡିଲେ ଜିଲାପାଳ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସହାୟତା ମଧ୍ୟ ନେଇପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଲାନ୍‌କୋ କମ୍ପାନୀ ପ୍ରତିଷ୍ଠା ହୋଇପାରିଲା ନାହିଁ । ଏନ୍‌ସିଏଲ୍‌ଟି ପକ୍ଷରୁ ଏହି କମ୍ପାନୀର ଅକ୍ସନ କରାଯାଇଥିଲା । ସାଫ୍ରନ ନାମକ କମ୍ପାନୀ ଏହାର ସୁଯୋଗ ନେଇ ଶାଗମାଛ ଦରରେ କ୍ଷତିଗ୍ରସ୍ତ ପ୍ରଜାଙ୍କ




ଲାନ୍‌କୋ ଜମିହରା ପ୍ରଜାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ।

ଜମିକୁ ଅଧିଗ୍ରହଣ କରି ବର୍ତ୍ତମାନ ଉକ୍ତ ଅଞ୍ଚଳରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଜେଏସ୍‌ଡବ୍ଲୁ କମ୍ପାନୀକୁ ବିକ୍ରି କରିବାକୁ ବସିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୯୦ କୋଟି ଟଙ୍କାରେ ୯୦୦ ଏକର ଜାଗା ନେଇଥିବା ଜମିହରା ପ୍ରଜାଙ୍କ ସୂତ୍ରରୁ ଜଣାପଡିଛି । ଗ୍ରାମବାସୀ ଓ ପ୍ରଶାସନ ସହ ଆଲୋଚନା ନ କରି ଏହା କରାଯାଇଥିବା ଜମିହରା ପ୍ରଜା କହିଛନ୍ତି । ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏଭଳି ଚଞ୍ଚକତା କରାଯାଇ ସାଫ୍ରନ କମ୍ପାନୀ ଜେଏସ୍‌ଡବ୍ଲୁକୁ ସେୟାର ଟେକ୍‌ଓଭର କରାଇଥିବା ଅଭିଯୋଗରେ ଦର୍ଶାଯାଇଛି । ଫଳରେ ସରକାରଙ୍କ ବହୁ ରାଜସ୍ୱ କ୍ଷତି ଘଟିଥିବା ଜମିହରା ପ୍ରଜା କହିଛନ୍ତି । ଡା. ଅବିନାଶ ସାମଲ କହିଛନ୍ତି, ସେକ୍ସନ ୧୦୧କୁ ନେଇ ଜମିହରା ପ୍ରଜାମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଯେହେତୁ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ, ତେଣୁ ଜମିହରାମାନଙ୍କୁ ଜମି ଫେରାଇଦେବା କଥା ଏବଂ ଜମିହରା ପ୍ରଜା ଯେଉଁ ଜମିର ମୂଲ୍ୟ ନେଇଥିଲେ, ଏହାକୁ ଫେରାଇଦେବା ପାଇଁ ରାଜି ହୋଇଛନ୍ତି ବୋଲି ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ପିଟିସନରେ ଦର୍ଶାଇଛନ୍ତି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାରେ ୮୦ଭାଗ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବାରୁ ତାଙ୍କୁ ମଧ୍ୟ ଆମେ ଧନ୍ୟବାଦ ଦେଉଛୁ ବୋଲି ଅବିନାଶ କହିଥିଲେ । ସେହିପରି ବେଞ୍ଚ ମାର୍କର ତର୍ଜମା କରାଯାଉ । ଏନ୍‌ଜିଟି ମଧ୍ୟ ଏ ଦିଗରେ ସଚେତନ ହୁଅନ୍ତୁ ବୋଲି ସେ କହିଥିଲେ । ଉକ୍ତ ଅଞ୍ଚଳରେ ଲାନକୋ ଶିଳ୍ପ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ୮୮୭ ଏକର ଜମି ଦେଇଛନ୍ତି । ଏଥିରେ ୧୧୦୦ଜଣ କ୍ଷତିଗ୍ରସ୍ତ ପ୍ରଜା ରହିଛନ୍ତି । ତେଣୁ ଏ ସମ୍ପର୍କରେ ଜମିହରା ପ୍ରଜାଙ୍କ ପକ୍ଷରୁ ପୁରୁଷୋତ୍ତମ ମହାପାତ୍ର ଏବଂ ଅନ୍ୟମାନେ ଦାଏର କରିଥିବା ରିଟ୍ ପିଟିସନ ଉପରେ ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଅଭିଯୋଗକୁ ଗ୍ରହଣ କରି ଏହାର ଯାଞ୍ଚ କରି ମାସକ ମଧ୍ୟରେ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳ ଅନୁଭବ କରିବେ, ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସହାୟତା ନେଇପାରନ୍ତି ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି । କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପରିଚାଳନା କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ସାମାଜିକ କର୍ମୀ ଗଙ୍ଗାଧର ସାମଲଙ୍କ ସମେତ ଖଡ଼ଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଳେଇ, ଜମିହରା ପ୍ରଜାଙ୍କ ପକ୍ଷରୁ ନରେନ୍ଦ୍ର ସାହୁ, ବିଜୟ କୁମାର ଧଳ, କୈଳାସ ଚନ୍ଦ୍ର ରାଉତ, ହରିହର ସାମଲ, ବିବେକାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

